The Odisha Gazette

EXTRAORDINARY

PUBLISHED BY AUTHORITY

No. 681 CUTTACK, TUESDAY, MARCH 19, 2024/FALGUNA 29, 1945

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

The 21st December 2020

No. 745—IX(C)-25/2020—ଯେହେତୁ ଓଡିଶା ସରକାରଙ୍କୁ ପ୍ରତିତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାର ବାମେବାରି–ରଣସାଳ ଘାଟି , ଭାୟା ଯୋଡା-ବାମେବାରି ଏକ୍ସପ୍ରେସ -୨ ରାସ୍ତାର ଉନ୍ନତିକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ଝୁଟାପାଣି, ଥାନା-ଯୋଡା, ତହସିଲ- ବଡବିଲ, ଜିଲ୍ଲା କେନ୍ଦୁଝର ରେ ନିମ୍ନ ତଫସିଲ ମତେ ପ୍ରାୟ ୧୧.୧୪୫ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୁଚୀ ରେ ପ୍ରଦର୍ଶିତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ , ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜାନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧-ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ- ବାମେବାରି–ରଣସାଳ ଘାଟି , ଭାୟା ଯୋଡା-ବାମେବାରି ଏକ୍ସପ୍ରେସ -୨ ରାସ୍ତାର ଉନ୍ନତିକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ।

୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ନିର୍ବାହୀ ଯନ୍ତ୍ରୀ (ଆରଏଣ୍ଡ ବି. ଡିଭିଜନ) କେନ୍ଦୁଝର ।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-ସାର୍ବଜନୀନ ଉଦ୍ଦେଶ୍ୟରେ ବାମେବାରି–ରଣସାଳ ଘାଟି , ଭାୟା ଯୋଡା -ବାମେବାରି ଏକ୍ସପ୍ରେସ -୨ ରାସ୍ତାର ଉନ୍ନତିକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା ।

୪-ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ -ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ଅଟେ ।ଏହି ବିକାଶ ପ୍ରକଳ୍ପଟି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଯଥାର୍ଥ ଅଟେ । ପ୍ରକଳ୍ପର ସକରାତ୍ମକ ପ୍ରଭାବ ଗୁଡିକ ନକରାତ୍ମକ ପ୍ରଭାବ ଠାରୁ ଯଥେଷ୍ଟ ଅଧିକ ।

୫-ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପ ଜିଲ୍ଲାପାଳ,ଚମ୍ପୁଆ ।

୬-ଜମିର ବିବରଣୀ-

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଂଚଳ/ସହରାଂଚଳ	ଖାତା ନଂ.	ପ୍ଲଟ ନଂ.	ପ୍ଲଟ ର ମୋଟ ରକବା	ଅଧିସୂଚୀତ ଜମିର ରକବା	ରୟତ ର ନାମ
କେନ୍ଦୁଝର	ବଡବିଲ	ଝୁଟାପାଣି	ଗ୍ରାମାଂଚଳ	ସଂଲଗ୍ନ	ସଂଲଗ୍ନ	ଏ ୨.୪୫୬	ଏ ୧.୧୪୫	ସଂଲଗ୍ନ

ଉକ୍ତ ଅଧିସୁଚିତ ଜମି ରକବା ମଧ୍ୟରୁ ଏ.୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାୟ୍ୟାଳୟ, କେନ୍ଦୁଝର ରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୂକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଭୂମି ଅନୁସୂଚୀ

ପ୍ରକଳ୍ପର ନାମ- ବାମେବାରି – ରଣସାଳ ଘାଟି , ଭାୟା ଯୋଡା- ବାମେବାରି ଏକ୍ସପ୍ରେସ -୨ ରାସ୍ତାର ଉନ୍ନତିକରଣ

ମୌଜା- ଖୁଂଟାପାଣି ଥାନା ନଂ-୩୫

ଥାନା-ଯୋଡା ତହସିଲ-୨(୭୩)

ତହସିଲ-ବଡବିଲ

ଜିଲ୍ଲା-କେନ୍ଦୁଝର

କ୍ରମିକ ନଂ	ଖତିଆନ ନଂ	ପ୍ରଜାର ନାମ ଓ ଠିକଣା	ପ୍ଲଟ ନଂ	କିସମ	ମୋଟ ରକବା	ଅର୍ଜନ ରକବା	ମନ୍ତବ୍ୟ
୧	୨୯	ବାଇଧର ବାରିକ, ଅଇଁଠୁ ବାରିକ, ବୈରାଗି ବାରିକ, ପି-ଚିନ୍ତାମଣି ବାରିକ, ସାଇବାଣି ଆପାଟ, ପି-କୃଷ୍ଣ ବାରିକ, ଧୂଳିଆ ବାରିକ, ପାଞ୍ଚାବି ବାରିକ, ଚନ୍ଦ୍ରମୋହନ ବାରିକ, ଡ଼ମୁଣି ବାରିକ, ପି-ଗୋପିନାଥ ବାରିକ, ସମ୍ଭାରି ବାରିକ, ସ୍ୱା-ଗୋପିନାଥ ବାରିକ, ଧନୁର୍ଦ୍ଧର ବାରିକ, ଭଜନା ବାରିକ, ପି-ବୃଷଭ ବାରିକ, ରାମଚନ୍ଦ୍ର ବାରିକ, ଲାଲମୋହନ ବାରିକ, ପି-ରଯ୍ୟା ବାରିକ, ପୁନେଇ ବାରିକ, ସ୍ୱା- ରଯ୍ୟା ବାରି, ଜା-ଗୋପାଳ, ବା-ନିଜଗାଁ ।	୫୩୪	ଶାରଦ-୧	୦.୨୩୦	୦.୧୦୦	
			୫୩୫	ପତିତ	୦.୦୧୫	୦.୦୧୫	
			୫୩୬	ଶାରଦ-୧	୦.୭୨୧	୦.୭୦୦	

୨	୬୨/୧୬	ମେର୍ସସ ଭୁସନ ପାବାର ଏଣ୍ଡ ଷ୍ଟିଲ ଲିଃ ବା-୪ର୍ଥ ମହଲା ଟଲଟଯ୍ ହାଉସ,ଟଲଟଲଯ୍ ମାର୍ଗ,କନ୍ନଟ ପ୍ଲେସ,ନୂଆ ଦିଲ୍ଲି,ହା/ବା- ଯୋଡା	୫୩୪/୧୩୩୧	କାରଖାନା	୧.୪୯୦	୦.୩୩୦	
ମୋଟ					୨.୪୫୬	୧.୧୪୫	

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ
ଆଶିଷ ଠାକ୍‌ରେ
ଜିଲ୍ଲାପାଳ, କେନ୍ଦୁଝର

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2891—173+12